# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଉଲୁଣ୍ଡା

ବିଜ୍ଞାପନ ସଂଖ୍ୟା...୪୮୪୫...... ତାରିଖ ...୧୮/୧୨/୨୦୨୪...

ଏତଦ ଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି , ଉଲୁଣ୍ଡା ରେ ଥିବା ଆମ ବସଷ୍ଟାଣ୍ଡ ପରିସରରେ ନବ ନିର୍ମିତ ଦୋକାନ ଗୃହ ନଂ -୩ ଓ ୪ କୁ ଭଡା ସୂତ୍ରରେ ଆବଣ୍ଟନ କରିବା ପାଇଁ ସର୍ବସାଧାରଣଙ୍କ ଠାରୁ ସର୍ବୋଚ୍ଚ ଡାକମୂଲ୍ୟ ଯୁକ୍ତ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ସମସ୍ତ ଦୋକାନ ଗୃହ ଗୁଡିକର ଆୟତନ (୧୦ ଫୁଟ x ୭ ଫୁଟ )ଅଛି। ଧାର୍ଯ୍ୟ ମାସିକ ଦୋକାନ ଗୃହ ଭଡା ଟ .୮୦୦ /-, ଅମାନତ ରାଶି (**Security Deposit** ) ଟ. ୨୫୦୦୦ /- । ଆବେଦନ ତା ୧୮.୧୨.୨୦୨୪ ରୁ ଆରମ୍ଭ ହୋଇ ତା ୩୧.୧୨.୨୦୨୪ ରିଖ ଅପରାହ୍ନ ୫ ଘଟିକା ରେ ଶେଷ ହେବ । ସବିଶେଷ ବିବରଣୀ ପାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଉଲୁଣ୍ଡା ରେ ସମସ୍ତ କାର୍ଯ୍ୟ ଦିବସରେ ସକାଳ ୧୦ ଘ ରୁ ଅପରାହ୍ନ ୫ ଘଟିକା ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ ଅଥବା **http://www.subarnapur.nic.in** ରେ ଅନୁସନ୍ଧାନ କରିବାକୁ ଅନୁରୋଧ ।

୧୮/୧୨/୨୪

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଉଲୁଣ୍ଡା

ପରିପତ୍ର ସଂଖ୍ୟା...୪୮୪୬...... /ତାରିଖ ...୧୮/୧୨/୨୦୨୪...

ଏହାର ଏକକିତା ନକଲ ସୁବର୍ଣପୁର , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ , ସୁବର୍ଣପୁର **General Manager Administration ,OSRTC,BBSR/District Manager ,OSRTC ,Subarnapur**ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୧୮/୧୨/୨୪

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଉଲୁଣ୍ଡା

ଏହାର ଏକକିତା ନକଲ ସମସ୍ତ ସରକାରୀ କର୍ଯାଳୟ (ଉଲୁଣ୍ଡା ବ୍ଲକ ) ର ନୋଟିସ ବୋର୍ଡରେ ପ୍ରକାଶ କରିବା ପାଇଁ ପ୍ରେରଣ କରାଗଲା ।

୧୮/୧୨/୨୪

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଉଲୁଣ୍ଡା

# ସର୍ତ୍ତାବଳୀ

୧। ଇଚ୍ଛୁକ ଆବେଦନକାରୀ ତାଙ୍କର ନିଜସ୍ୱ ଡାକମୂଲ୍ୟ(ଧାର୍ଯ୍ୟ ହୋଇଥିବା ମୂଲ୍ୟ ଠାରୁ ଅଧିକ) ବିଡିଓ ଉଲୁଣ୍ଡା ଙ୍କର ସଂଲଗ୍ନ ଆବେଦନ ଫର୍ମ ରେ ଉଲ୍ଲେଖ କରି, ବନ୍ଦ ଲଫାଫା ରେ BDO-Ulunda,At/Po-Ulunda,Dist-Subarnapur,PinCode- 767062 ଠିକଣାରେ Speed Post/ RegisteredPost ମାଧ୍ୟମରେ ପଠେଇ ପାରିବେ । ସମସ୍ତ ଆବେଦନ ପତ୍ର ତା ୩୧-୧୨-୨୦୨୪ ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ପହଞ୍ଚିବା ଆବଶ୍ୟକ।ଡାକ ଜନିତ ବିଳମ୍ବ ପାଇଁ ପଞ୍ଚାୟତ ସମିତି ଉଲୁଣ୍ଡା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୨। ଟେଣ୍ଡର ପେପର ସହିତ ନିମ୍ନ କାଗଜ ପତ୍ର ଗୁଡିକ ସଂଲଗ୍ନ କରାଯିବ ।

- ପ୍ରମାଣୀକୃତ ଆଧାର କାର୍ଡର ଜେରକ୍ସ କପି

-ପ୍ରମାଣୀକୃତ ବୈଧ ପାନ କାର୍ଡ ଓ ଜିଏସଟି ସାର୍ଟିଫିକେଟ, ଜେରକ୍ସ କପି( ଯଦି ଉପଲବ୍ଧ ଥାଏ ସଂଲଗ୍ନ କରନ୍ତୁ)

୩। ଆବେଦନକାରୀ ସ୍ପଷ୍ଟ ଭାବରେ " ଆମ ବସ ଷ୍ଟାଣ୍ଡ ଦୋକାନ ଗୃହ ନମ୍ବର ...................... " ଉପରେ ଉଲ୍ଲେଖ କରିବେ ନଚେତ ଆବେଦନଟି ନାକଚ କରାଯିବ ।

୪ । ସମସ୍ତ ଡାକ ମୂଲ୍ୟ ଆବେଦନ, ବନ୍ଦ ଲଫାଫା ଗୁଡିକ ତା ୪-୦୧-୨୦୨୫ ରିଖ ଦିବା ୧୧ ଘଟିକା ସମୟରେ ସମସ୍ତ ଆବେଦନକାରୀ/ ପ୍ରତିନିଧି ଙ୍କ ଉପସ୍ଥିତି ରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଉଲୁଣ୍ଡା ଠାରେ ଖୋଲାଯାଇ ସର୍ବାଧିକ ଡାକମୂଲ୍ୟ ଅବେଦନକାରୀଙ୍କ ସପକ୍ଷରେ ଦୋକାନ ଗୃହକୁ ଆବଣ୍ଟନ କରାଯିବ । ସମ୍ପୃକ୍ତ ଆବେଦନକାରୀ ଅମାନତ ରାଶି( SecurityMoney) ବାବଦକୁ ସମ୍ପୂର୍ଣ ରାଶି ଏକକାଳୀନ ୭ ଦିନ ମଧ୍ୟରେ କୌଣସି ଜାତୀୟକରଣ ବ୍ୟାଙ୍କ ର ଡ୍ରାଫ୍ଟ/ ବ୍ୟାଙ୍କ ଚେକ BDO- Ulunda ନାମରେ ପଇଠ କରିବାକୁ ହେବ । ଏଥିରେ ଖିଲାପ କଲେ ସର୍ବାଧିକ ଡାକମୂଲ୍ୟ ଆବେଦନକାରୀଙ୍କ ବଦଳରେ 2ୟ ସର୍ବାଧିକ ଡାକମୂଲ୍ୟ ଆବେଦନକାରୀଙ୍କ ସପକ୍ଷରେ ସର୍ବାଧିକ ଡାକମୂଲ୍ୟ ଦରରେ ଆବଣ୍ଟନ ସିଦ୍ଧ କରାଯିବ । ଏଥି ସହିତ ମୂଳ/ ପ୍ରଥମ ସର୍ବାଧିକ ଆବେଦନକାରୀଙ୍କ ଅମାନତ ରାଶି କୁ ବ୍ୟାର୍ଯାପ୍ତି କରାଯିବ ।

୫ । ଅସଫଳ ଡାକମୂଲ୍ୟ ଆବେଦନକାରୀଙ୍କ ଆବେଦନ ରାଶିର ଚେକ /ବ୍ୟାଙ୍କ ଡ୍ରାଫ୍ଟ ଆବଣ୍ଟନ ପ୍ରକ୍ରିୟା ଚୂଡାନ୍ତ ପରେ ଫେରସ୍ତ କରାଯିବ ।

୬ । ଦୋକାନ ଗୃହ ର ବିଦ୍ୟୁତ ସଂଯୋଗ ଖର୍ଚ ଓ ମାସିକ ଦେୟ ନିଜେ ଦୋକାନ ଗୃହ ଗ୍ରହଣକାରୀ ବହନ କରିବେ ।ଆବଣ୍ଟିତ ଦୋକାନ ଗୃହ ପରିସରରେ ବିନା ଅନୁମତିରେ ଗୃହ ର କୌଣସି ଢାଞ୍ଚାଗତ ପରିବର୍ତନ ବା ପୁନଃ ନିର୍ମାଣ କରି ପାରିବେ ନାହିଁ

୭। ଯଦି ଲଗାତର ତିନି ମାସ ପର୍ଯ୍ୟନ୍ତ ଦୋକାନ ଗୃହ ର ଭଡା ଦେବାରେ ଖିଲାପ କରନ୍ତି ତେବେ ଚୁକ୍ତିନାମାକୁ ରଦ୍ଦ କରାଯାଇ ପାରେ ବା ଫାଇନ ଦେବାକୁ ପଡିପାରେ ଅଥବା ସୀକୁରିଟୀ ଜମାରୁ ଦୋକାନ ଗୃହର ଭଡା କାଟି ଦିଆଯାଇପାରେ ।

୮। ବାଣିଜ୍ୟକ ଉଦ୍ଦେଶ୍ୟ ଉର୍ଦ୍ଧ୍ୱଷ୍ଟ ପ୍ରତ୍ୟେକ ଦୋକନ ଘରର ବୈଧତା ପାଞ୍ଚ ବର୍ଷ **(ଦୋକନ ଘର ହସ୍ତାନ୍ତର ଦିନଠାରୁ)**

୯। ଭଡାଟିଆଙ୍କୁ ପ୍ରତ୍ୟେକ ମାସରେ ଦୋକନ ଘର ଭଡାର ୧୦% ଦୋକନ ଘରର ରକ୍ଷଣ ବେକ୍ଷଣ ଉଦ୍ଦେଶ୍ୟରେ ଜମା ଦେବାକୁ ପଡିବ ।

୪। ଅମାନତ ରାଶି ଟ.୨୫000/- ଜମା ଦେବେ ।

୫। ପ୍ରତ୍ୟେକ ୨ ବର୍ଷରେ ଦୋକନ ଘରର ଭଡା ୫% ବୃଦ୍ଧି ପାଇବ

୬। ପ୍ରତ୍ୟେକ ମାସର ଶେଷ ପୂର୍ବରୁ ଦୋକନ ଘରର ଭଡା ଜମା କରାଯିବ।

୭। ଦୋକନ ଘରର ଆଖପାଖ ପରିବେଶ ଯେପରି ପରିଷ୍କାର ପରିଛନ୍ନ ରହିବ ତାହା ସୁନିଶ୍ଚିତ କରିବେ ।

୮। ଏହି ଘର ଗୁଡିକରେ କୌଣସି ମାଛ, ମାଂସ,ଦେଶୀ ବିଦେଶୀ ମଦ, ଓବିସ୍ଫୋରକ ଦ୍ରବ୍ୟର ବିକ୍ରୟକରି ପାରିବେ ନାହିଁ।

୯। ଦୋକନ ଘରର ଭଡାଧାରୀ ଅନ୍ୟ କାହାକୁ ଏହି ଘରଟିକୁ ଭଡାସୂତ୍ରରେ ଦେଇ ପାରିବେ ନାହିଁ । ଯଦି ଏପରି ଘଟଣା ନଜରକୁ ଆସିଲା ବା ଅଭିଯୋଗ ପ୍ରାପ୍ତହେଲା ତେବେ ଭଡାଘରରଚୁକ୍ତିକୁ ନାକଚ କରାଯିବ ବା ଶେଷ କରାଯିବ ।

୧୦। ଯଦି ଭଡାଧାରୀ ଘରଟିକୁ ଛାଡିବାକୁ ଚାହିଁବେ , ତେବେ ଘରଟିକୁ ଭଲ ଅବସ୍ଥାରେ ହସ୍ତାନ୍ତର କରିବେ ନଚେତ ଘରର ଭଗ୍ନଅଂଶର ମରାମତି ନିମନ୍ତେ, ଖର୍ଚ୍ଚ ତାଙ୍କର ସେକୁରିଟୀ ଜମାରୁ କଟାଯିବ ।

୧୫/୧୨/୨୦୨୪

ଗୋଷ୍ଠି ଉନ୍ନୟନ ଅଧିକାରୀ

ଉଲୁଣ୍ଡା

# ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଉଲୁଣ୍ଡା

ନଗଦ ରସିଦ ନମ୍ବର-

## ଦୋକାନ ଗୃହ ନିମନ୍ତେ ଆବେଦନ ପତ୍ର, (ଆମ ବସଷ୍ଟାଣ୍ଡ ଉଲୁଣ୍ଡା)

୧। ଆବେଦନକାରୀଙ୍କ ନାମ-

୨। ପିତା/ସ୍ୱାମୀଙ୍କ ନାମ-

୩। ସ୍ଥାୟୀ ଠିକଣା-

ଗ୍ରାମ- ଗ୍ରାମ ପଞ୍ଚାୟତ-

ଥାନା- ଜିଲ୍ଲା-

୪। ଯୋଗାଯୋଗ ଠିକଣା

ଗ୍ରାମ- ଗ୍ରାମ ପଞ୍ଚାୟତ-

ଥାନା- ଜିଲ୍ଲା-

୫। ଆଧାର ନମ୍ବର-

୬। ଯୋଗାଯୋଗ ନମ୍ବର-

୭। ଆବେଦନ କରିଥିବା ଦୋକାନଗୃହ ନମ୍ବର/ପ୍ରକାର-

୮। କି ପ୍ରକାର ଦୋକାନ କରିବେ ବା ବ୍ୟବସାୟର ବିବରଣୀ-

ମୁଁ ସୁସ୍ଥ ମନରେ ଘୋଷଣା କରୁଛି କି ଉପରୋକ୍ତ ସମସ୍ତ ତଥ୍ୟ ସମ୍ପୂର୍ଣ୍ଣ ସତ୍ୟ ଅଟେ, ତଥ୍ୟ ମିଥ୍ୟା ଥିଲେ ମୋର ଆବେଦନକୁ ଖାରଜ କରାଯିବ ॥

ତାରିଖ:

ସ୍ଥାନ: ଆବେଦନକାରୀଙ୍କ ସ୍ୱାକ୍ଷର